## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ବାଲିଅନ୍ତା,(ଡି.ଏନ୍.ଏ.): ବାଇକ୍ ଧକ୍କାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ଅଞ୍ଚଳର ସନ୍ତୋଷ କୁମାର ଜେନା। ସୂଚନା ମୁତାବକ, ବାଲିଅନ୍ତା ଥାନା ଅଧୀନ ସତ୍ୟଭାମାପୁରସ୍ଥିତ ଏକ ସ୍କୁଲ ସମ୍ମୁଖରେ ଗୁରୁବାର ସକାଳେ ସନ୍ତୋଷ ମର୍ନିଂ ୱାକ୍ କରୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୯ଟା।
- ପ୍ରୟାସ ପକ୍ଷରୁ ସାମୂହିକ ବିବାହ ମହୋତ୍ସବ, ୟୁନିଟ-୩, ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଉଦ୍ଯାପନୀ , ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ବୀଣାପାଣି ନାଟ୍ୟସଂସ୍ଥା ପକ୍ଷରୁ ପ୍ରଗତିଶୀଳ ଦିବ୍ୟାଙ୍ଗ ସାଂସ୍କୃତିକ ସମ୍ମେଳନ, ଜୟଦେବ ଭବନ, ରାତି ୭ଟା।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍ଘାଟିତ

ପୁରୁଣା ଭୁବନେଶ୍ୱର,୨୭।୨(ଡି.ଏନ୍.ଏ.): ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଅବସରରେ ଶନିବାର ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ମହାରଣା, ସରପଞ୍ଚ ପୂର୍ଣ୍ଣିମା ସାହୁ, ଭାରତ ପର୍ଯ୍ୟଟନର ସହକାରୀ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କୀ, ସାମାଜିକ କର୍ମୀ ହରେକୃଷ୍ଣ ସାହୁ ଓ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦେଇ ଶିଳ୍ପୀଙ୍କ ଚିତ୍ରକୁ ପ୍ରଶଂସା କରିବା ସହ କଳା ସମାଜର ପଥପ୍ରଦର୍ଶକ ବୋଲି ମତପ୍ରକାଶ କରିଥିଲେ। ଏହି ପ୍ରଦର୍ଶନୀରେ ୧୦ଟି ଦେଶର ଶିଶୁ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। କୃତୀ ଶିଳ୍ପୀଙ୍କୁ ଡାକଯୋଗେ ପୁରସ୍କାର ପ୍ରଦାନ କରାଯିବା ସହ ରୋଜାଲିନା ଦାଶ ଓ ଖୋକନ ସରକାରଙ୍କୁ କଳା ଆଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ସାମଲ ସ୍ୱାଗତ ଭାଷଣ, କାର୍ଯ୍ୟକାରୀ ସଭାପତି ଡ. ହୃଷୀକେଶ ମିଶ୍ର ପୌରୋହିତ କରିଥିବା ବେଳେ ସମ୍ପାଦକ ମିହିରକାନ୍ତ ପ୍ରହରାଜ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୨୭।୨(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ୍ ରେଲଷ୍ଟେଶନ(ଜଟଣୀ) ନିକଟ ବରପଦାସ୍ଥିତ ଟ୍ରାକ୍ସନ ଖୁଣ୍ଟିରେ ଶନିବାର ଜଣେ ଯୁବକଙ୍କ ମୃତଦେହକୁ ଜିଆର୍ପି ଥାନା ପୋଲିସ ଜବତ କରିଛି। ସେ ହେଲେ ଭୁବନେଶ୍ୱର ବୁଦ୍ଧେଶ୍ୱରୀ କଲୋନୀ ପୁଲିସାହିର ଲିଙ୍ଗରାଜ ପ୍ରଧାନ। ତାଙ୍କ ନିକଟରୁ ଏକ ଆଇକାର୍ଡ, ବ୍ୟାଗ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୧)ରୁଜୁକରି ତଦନ୍ତ ଚଳାଇଛି।

### ମାଗଣା ହୋମିଓପାଥି ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୭।୨(ବ୍ୟୁରୋ) : ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ପ୍ରତାପ ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଗଣା ହୋମିଓପାଥି ସ୍ୱାସ୍ଥ୍ୟ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ହୋମିଓପାଥିକ ଗବେଷଣା ପରିଷଦ, ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନ ଔଷଧ ପ୍ରମାଣନ ୟୁନିଟ୍ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି ଶିବିରକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୋନ୍-୧୭ର ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ପ୍ରତାପ ଶାସନ ଗ୍ରାମପଞ୍ଚାୟତର ସରପଞ୍ଚ ଭାଗ୍ୟଧର ନନ୍ଦୀ, ପ୍ରତାପ ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟକର୍ମୀଙ୍କୁ ଘରୋଇ ଉପଯୋଗୀ ହୋମିଓପାଥି କିଟ୍ ପ୍ରଦାନ କରାଯାଇଥିଲା। ଔଷଧ ପ୍ରମାଣନ ୟୁନିଟ୍ର ପ୍ରକଳ୍ପ ଅଧିକାରୀ ତଥା ଡ. ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ନିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ପ୍ରତି ମଙ୍ଗଳବାର ଓ ଗୁରୁବାର ସକାଳ ୯ଟା ୩୦ରୁ ମଧ୍ୟାହ୍ନ ୧ଟା ୩୦ ପର୍ଯ୍ୟନ୍ତ ପ୍ରତାପ ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିୟମିତ ଚାଲୁ ରହିବ।

# ପରିବର୍ତ୍ତିତ ସ୍କୁଲ ସମୟକୁ ନେଇ ଅସନ୍ତୋଷ

**ରବିବାର ସ୍କୁଲ ଆସିବୁନି: ଓଷ୍ଟା**

- ୭ଟାରୁ ୧ଟା ନୁହେଁ, ସାଢ଼େ ୬ରୁ ସାଢ଼େ ୧୧ଟା ହେଉ
- ସମୟ ବଦଳାଇବାକୁ ଦାବି କଲା ଅଖିଳ ଭାରତ ଛାତ୍ର ସଂଘ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ଏ ନେଇ ଶୁକ୍ରବାର ଜାରି ମାର୍ଗଦର୍ଶିକା ଅନୁଯାୟୀ, ରାଜ୍ୟର ସମସ୍ତ ବିଦ୍ୟାଳୟରେ ନବମ ଓ ଏକାଦଶ ଶ୍ରେଣୀଗୁଡ଼ିକର ପାଠପଢ଼ା ସକାଳ ୮ଟା ୩୦ରୁ ୧୦ଟା ପରିବର୍ତ୍ତେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ହେବ। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀଗୁଡ଼ିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ ପରିବର୍ତ୍ତେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ତେବେ ସ୍କୁଲ ସମୟରେ ଏହି ପରିବର୍ତ୍ତନକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନିଷ୍ପତ୍ତି ଛାତ୍ରୀଛାତ୍ରଙ୍କୁ ଅଧିକ ଅସୁବିଧାରେ ପକାଇବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କହିବା ସହ ତୀବ୍ର ବିରୋଧ କରିଛି। ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଫେବୃୟାରୀରୁ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବାବେଳେ ସରକାର କାହା ସହିତ କିଛି ପରାମର୍ଶ ନ କରି ବିଦ୍ୟାଳୟ ସମୟ ପରିବର୍ତ୍ତନ ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଅପରାହ୍ନ ୧ଟା ସମୟରେ ପାଠପଢ଼ା ଶେଷ କରି ଛାତ୍ରୀଛାତ୍ରମାନେ କିଭଳି ଘରକୁ ଫେରିବେ ସେ ସମ୍ପର୍କରେ ସରକାର ଚିନ୍ତା କରିଛନ୍ତି ନା ନାହିଁ ବୁଝାପଡୁନାହିଁ। ଆଗରୁ ସକାଳୁଆ ସ୍କୁଲ ୬ଟା ୩୦ରେ ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହୋଇଥାଏ। ଅର୍ଥାତ୍ ମଧ୍ୟାହ୍ନ ପୂର୍ବରୁ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଘରକୁ ଫେରିଥାନ୍ତି। କିନ୍ତୁ ବର୍ତ୍ତମାନ ମଧ୍ୟାହ୍ନ ୧ଟା ସମୟରେ ବିଦ୍ୟାଳୟ ବନ୍ଦ ହେଲେ ୪୫ ରୁ ୪୬ ଡିଗ୍ରୀ ତାପମାତ୍ରାରେ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଘରକୁ ଫେରିବା ସମୟରେ ଯଦି କୌଣସି ଦୁର୍ଘଟଣାର ସମ୍ମୁଖୀନ ହେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ଓଷ୍ଟା ପ୍ରଶ୍ନ କରିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚଳିତବର୍ଷ ବିଦ୍ୟାଳୟ ଖୋଲିବାଠାରୁ ଆରମ୍ଭ କରି ପାଠ୍ୟ ଖସଡ଼ା ଓ ସମୟ ନିର୍ଦ୍ଧାରଣ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଏକତରଫା ନିଷ୍ପତ୍ତି ନେଉଥିବାରୁ ଓଷ୍ଟା ଓ ତାହାର ଅଗଣିତ ଶିକ୍ଷକ ଏହାକୁ ବିରୋଧ କରୁଛନ୍ତି। ମାର୍ଚ୍ଚ ୧ରୁ ରବିବାର ଶିକ୍ଷାଦାନରୁ ନିବୃତ୍ତ ରହିବେ ଓ ନିୟମିତ ବିଦ୍ୟାଳୟ ସକାଳ ୬ଟା ୩୦ରୁ ଆରମ୍ଭ କରି ୧୧ଟା ୩୦ ସମୟରେ ଶେଷ କରିବେ। ଏହି ନିଷ୍ପତ୍ତିକୁ ଶିକ୍ଷକମାନେ ରିଜଲ୍ୟୁଶନ କରି ପ୍ରତ୍ୟେକ ବିଦ୍ୟାଳୟରୁ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସରକାରଙ୍କୁ ଜଣାଇବେ। ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କୁ କେଉଁଠାରେ ଓ କିଭଳି ବସାଇ କୋଭିଡ୍ ନିୟମକୁ ଅନୁପାଳନ କରି ଶିକ୍ଷାଦାନ କରିପାରିବେ ସେ ସମ୍ପର୍କରେ ପ୍ରଧାନଶିକ୍ଷକ ଅନ୍ୟ ସହକାରୀ ଶିକ୍ଷକଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ଓଷ୍ଟା ସରକାରଙ୍କୁ ଜଣାଇଛି। ସେପଟେ ଏହି ପରିବର୍ତ୍ତିତ ସମୟକୁ ନେଇ ଅଖିଳ ଭାରତ ଛାତ୍ର ସଂଘ ବିରୋଧ କରିଛି। ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି, ଏହା ଗଣଶିକ୍ଷା ବିଭାଗର ଅଦୂରଦର୍ଶୀ ନିଷ୍ପତ୍ତି। ତୁରନ୍ତ ପରିବର୍ତ୍ତିତ ସମୟକୁ ବଦଳାଇବାକୁ ପାଇଁ ସଂଘ ଦାବି କରୁଛି।

## ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଓୟୁଏଟିର ସ୍ୱାମୀନାଥନ୍ ହଲ୍ରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଓୟୁଏଟିର କୁଳପତି ପବନ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ଏଥିରେ କର୍ମଚାରୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ୨୦୨୧-୨୨ ବର୍ଷ ନିମନ୍ତେ ସଭାପତି ଭାବେ ରଞ୍ଜନ କୁମାର ସାମନ୍ତରାୟ, ସମ୍ପାଦକ ଜ୍ୟୋତିରଞ୍ଜନ ସେନାପତି, ଉପସଭାପତି ଅଶୋକ କୁମାର ଦାସ ଓ ସୁକାନ୍ତ କୁମାର ପଲେଇ, ସାଙ୍ଗଠନିକ ସମ୍ପାଦକ ବିଶ୍ୱରଞ୍ଜନ ପ୍ରଧାନ, ଯୁଗ୍ମ ସମ୍ପାଦକ ପୁଷ୍ପାଞ୍ଜଳି ମିଶ୍ର, ସହସମ୍ପାଦକ ରଘୁନାଥ ସାମନ୍ତସିଂହାର, କିଶୋରୀ ମୋହନ ସେଠୀ, କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ସିଂ, କୋଷାଧକ୍ଷ ସଦାଶିବ ଦାସ ଏବଂ ସହକୋଷାଧକ୍ଷ ଭାବେ କିରଣ କୁମାର ସାହୁଙ୍କୁ ନିର୍ବାଚିତ କରାଯାଇଛି।

## ମଣ୍ଟେରିଆଲ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଜୁରି ହେଲେ ଜିତେନ୍ଦ୍ର ମିଶ୍ର

ଭୁବନେଶ୍ୱର, ୨୭।୨(ବ୍ୟୁରୋ)



କାନାଡ଼ାରେ ୨୪ତମ ମଣ୍ଟେରିଆଲ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ମାର୍ଚ୍ଚ ୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ଜୁରି ଭାବେ ଯୋଗଦେଇନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରମୋଟର ଜିତେନ୍ଦ୍ର ମିଶ୍ର। ମଣ୍ଟେରିଆଲ ଗ୍ରାଣ୍ଡ୍ ପ୍ରିକ୍ସ ପୁରସ୍କାର ଓ ୟୁରୋପୀୟ ଶିଶୁ ଚଳଚ୍ଚିତ୍ର ସଙ୍ଗଠନ ପୁରସ୍କାର ପାଇଁ ରହିଥିବା ୬ଜଣ ଜୁରିଙ୍କ ମଧ୍ୟରୁ ଜିତେନ୍ଦ୍ର ଅନ୍ୟତମ। ଓଡ଼ିଶାର ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଜନ୍ମିତ ଜିତେନ୍ଦ୍ର କେତେକ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଓ ପ୍ରମୋଟରଙ୍କ ମଧ୍ୟରୁ ଅନ୍ୟତମ। ଏ ସମ୍ପର୍କରେ ଜିତେନ୍ଦ୍ର କହିଛନ୍ତି, ଚଳିତ ବର୍ଷ ଜରି ଭାବେ କାର୍ଯ୍ୟ କରିବାର ଏହା ହେଉଛି ମୋ ପାଇଁ ପ୍ରଥମ ମହୋତ୍ସବ। ମୁଁ ପୃଥିବୀର ୨୦ରୁ ଅଧିକ ଅତ୍ୟାଧୁନିକ ଚଳଚ୍ଚିତ୍ର ଦେଖିବାକୁ ଯାଉଛି, ଯାହା ମହାମାରୀ ପରେ ଚଳଚ୍ଚିତ୍ର ନିର୍ମାଣ ଏବଂ ଶିଳ୍ପର ବର୍ତ୍ତମାନର ବିଶ୍ୱ ଧାରାକୁ ବୁଝିବାରେ ସାହାଯ୍ୟ କରିବ। ଏଥିସହିତ ଏହା ଶିଖିବା ଏବଂ ବିନିମୟ କରିବାର ଏକ ସୁଯୋଗ। ଏହି ନିମନ୍ତ୍ରଣ ପାଇଁ ମୁଁ ଜେନେରାଲ ଆଣ୍ଡ୍ ଆର୍ଟିଷ୍ଟିକ୍ ନିର୍ଦ୍ଦେଶକ ଜୋ-ଆନ୍ ବ୍ଲୁଇନଙ୍କୁ କୃତଜ୍ଞତା ଜଣାଉଛି ବୋଲି ଜିତେନ୍ଦ୍ର କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରକାଶ


@ ମାନସ


@ ଶୈଳେଜା


@ ଆଶିଷ


@ ଜ୍ଞାନେନ୍ଦ୍ର


@ ଶିବଦତ୍ତ

# ସରିଲା ଖଣ୍ଡଗିରି କୁମ୍ଭମେଳା

- ୯ଦିନ ଧରି ଚାଲିଥିବା ହୋମଯଜ୍ଞରେ ପୂର୍ଣ୍ଣାହୁତି
- ଯଜ୍ଞ, ମନ୍ତ୍ର ପାଠରେ ସୃଷ୍ଟି ହେଲା ଭକ୍ତିମୟ ପରିବେଶ
- ଖଣ୍ଡଗିରି କୁମ୍ଭମେଳାକୁ ମାନ୍ୟତା ଦାବି

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

ମାଘ ସପ୍ତମୀରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳାର ଶନିବାର ଥିଲା ଅନ୍ତିମ ଦିବସ। ଜଗତର ମଙ୍ଗଳ ପାଇଁ ସାଧୁସନ୍ଥମାନେ ମନ୍ଦିରର ପାଦଦେଶ ତଥା ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ତପସ୍ୟା କରୁଥିବା ଦେଖିବାକୁ ମିଳିଥିଲା। ମନ୍ଦିର ପାଦଦେଶରେ ନାଗା ସାଧୁ, ବେଦାନ୍ତି, ରମାନନ୍ଦୀ ଓ କୃଷ୍ଣାଦୀ ସାଧୁ ଆସି ତପସ୍ୟାରତ ଥିଲେ। ସେମାନଙ୍କ ହୋମଯଜ୍ଞ, ମନ୍ତ୍ରପାଠରେ ପରିବେଶ ଭକ୍ତିମୟ ହୋଇ ଉଠିଥିଲା। ଶେଷରେ ସାଧୁସନ୍ଥମାନେ ୯ଦିନ ଧରି ଚାଲିଥିବା ଏହି ହୋମ ଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ମେଲାଣି ନେଇଛନ୍ତି।

ପ୍ରତିଦିନ ପରି ସକାଳୁ ବିଧି ଅନୁସାରେ ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ବାରଭୁଜାଙ୍କ ପୂଜା ପରେ ମଧ୍ୟାହ୍ନରେ ବେଦ ମନ୍ତ୍ର ପାଠରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପରେ ହରି ଓମ୍ ବାବା ମଠ ଟ୍ରଷ୍ଟ ପକ୍ଷରୁ ସମସ୍ତ ୧୨୦ଜଣ ସାଧୁ ସନ୍ଥଙ୍କୁ ଦାନ, ଦକ୍ଷିଣା ଏବଂ ବସ୍ତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଧୁ ସନ୍ଥଙ୍କୁ ପୂଜା କରାଯାଇ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଐତିହ୍ୟ ତଥା ଧାର୍ମିକ ସ୍ଥଳ ଖଣ୍ଡଗିରି ଆଲୋଚନା କରାଯିବା ସହ କୁମ୍ଭମେଳାକୁ କିପରି ମାନ୍ୟତା ମିଳିପାରିବ ସେ ନେଇ ଦାବି କରାଯାଇଥିଲା। ସମାରୋହରେ ଭଜନକୀର୍ତ୍ତନ ସହ ଭାଗବତ ପାଠ, ହନୁମାନ ଚାଳିଶା ପାଠ ଓ ପ୍ରବଚନ ଦିଆଯାଇଥିଲା। ଯଜ୍ଞରେ ପୂର୍ଣ୍ଣାହୁତି ପରେ କେତେଜଣ ସାଧୁସନ୍ଥ ଅନନ୍ତ ନାରାୟଣଙ୍କ ଗୁମ୍ଫାରେ ପୂଜାପାଠ କରି ଶନିବାର ସନ୍ଧ୍ୟାରେ ଫେରି ଯାଇଥିବାବେଳେ ଆଉ କେତେଜଣ ରବିବାର ସକାଳୁ ନିଜ ଗନ୍ତବ୍ୟସ୍ଥଳକୁ ଫେରିଯିବେ ବୋଲି ସୂଚନା ମିଳିଛି। ଶେଷ ଦିନରେ ମହେନ୍ଦ୍ରଗିରିର ପଞ୍ଚସଖା ଆଶ୍ରମର ବଂଶୀଧର ମହନ୍ତ, ସନ୍ଥ ସୁରକ୍ଷା ମିଶନ୍ର ମହନ୍ତ ବିଷ୍ଣୁଗିରି ମହାରାଜ, ଜୁନାଗଡ ଆଶ୍ରମର ମହନ୍ତ ମହାରାଜ ବିଷ୍ଣୁପୁରୀ ପ୍ରମୁଖ ସାଧୁଙ୍କ ସହ ବହୁ ରାଜନୈତିକ ବ୍ୟକ୍ତି ଯୋଗଦେଇଥିଲେ ବୋଲି ଖଣ୍ଡଗିରି କୁମ୍ଭମେଳାର ମହାମଣ୍ଡଳେଶ୍ୱର ହରିଓଁ ବାବା ଶିଶୁ ଛବି ସୂଚନା ଦେଇଛନ୍ତି।

## ୧୩ ମୋବାଇଲ, ସୁନା ଚେନ ଜବତ: ୩ଗିରଫ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଏକ ଗ୍ୟାଙ୍ଗର ୩ଜଣଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ତଳସାହିର ପ୍ରଦୀପ ପ୍ରଧାନ ଓରଫ ଜଗା(୩୫), ରଞ୍ଜିଆ ଓରଫ ରଞ୍ଜିତ ଭୋଇ(୩୫) ଓ ଗୋପାଳ ପରିଡ଼ା(୨୪)। ରଞ୍ଜିଆ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ହୋଇଥିବାବେଳେ ତାଙ୍କ ନାମରେ ରାଜଧାନୀର ବିଭିନ୍ନ ଥାନାରେ ୨୦ରୁ ଅଧିକ ମାମଲା ରହିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୩ଟି ମୋବାଇଲ ଫୋନ ଓ ଏକ ସୁନା ଚେନ ଜବତ କରିଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ପାଇଁ ପୋଲିସ ଅଧିକ ତଦନ୍ତ କରୁଛି। ଗତ ୧୬ ତାରିଖ ରାତି ୧୦ଟାରେ ଏହି ଗ୍ୟାଙ୍ଗ ଅବଦୁଲ ଆରବ ଅଲ୍ଲୀଙ୍କ ମେଡିସିନ ଦୋକାନରୁ ତାଙ୍କ ଫୋନ ଓ କିଛି ଟଙ୍କା ଚୋରି କରିଥିଲେ।

## ବନ୍ଧା ହେଲେ ନିଶାନିବାରଣ କେନ୍ଦ୍ର ମାଲିକ

**ଦିବ୍ୟାଙ୍ଗ ବୃଦ୍ଧଙ୍କୁ ମାଡ଼ମାରି ୫ହଜାର ଛଡ଼ାଇନେଲେ**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ହଜିଗଲା ମଣିଷପଣିଆ। ସାମାନ୍ୟ ଟିକେ ଗାଡ଼ି ଘସି ହୋଇଯିବାରୁ ଜଣେ ଦିବ୍ୟାଙ୍ଗ ବୃଦ୍ଧଙ୍କୁ କାର ଭିତରେ ପୂରାଇ ମାଡ଼ ମାରିବା ସହ ୫ହଜାର ଟଙ୍କା ଛଡ଼ାଇ ନେଲେ ଏକ ନିଶାନିବାରଣ କେନ୍ଦ୍ରର ମାଲିକ। ଏନେଇ ଅଭିଯୋଗ ଏୟାରଫିଲ୍ଡ ଥାନା ପୋଲିସ ଶନିବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ପ୍ରତୀକ ପଣ୍ଡା ଓରଫ ଲିଟୁ।

ମଧୁସୂଦନ ଦୀକ୍ଷିତ (୬୦) ନାମକ ଜଣେ ବରିଷ୍ଠ ନାଗରିକ ତାଙ୍କ ସ୍ତ୍ରୀଙ୍କ ସହ ଗତ ୨୫ ତାରିଖ ରାତିରେ କୌଣସି କାମରେ ଯାଉଥିଲେ। ଅଜାଣତରେ ମଧୁସୂଦନଙ୍କ ଗାଡି ଅଭିଯୁକ୍ତ ଲିଟୁଙ୍କ ଗାଡି ସାଇଡ ମିରର୍ରେ ଘସି ହୋଇଯାଇଥିଲା। ଏହାକୁ ନେଇ ଲିଟୁ ୧୦ହଜାର ଟଙ୍କା ମାଗିବା ସହ ମଧୁସୂଦନଙ୍କୁ କାର ଭିତରେ ପୂରାଇ ନିସ୍ତୁକ ମାଡ଼ ମାରିଥିଲେ। ଏଥିସହିତ ତାଙ୍କ ପକେଟ୍ରୁ ୫ହଜାର ଟଙ୍କା ଛଡେଇ ନେଇଥିଲେ। ତେବେ ମଧୁସୂଦନ ଦିବ୍ୟାଙ୍ଗ ହୋଇଥିବାରୁ ଏଥିରେ ଭୟଭୀତ ହୋଇ ଥାନାକୁ ଯାଇ ନ ଥିଲେ। ଖବରପାଇ ଏୟାରଫିଲ୍ଡ ଥାନା ଅଧିକାରୀ ଦୀପକ ମିଶ୍ର ସେଠାରେ ପହଞ୍ଚି ମଧୁସୂଦନଙ୍କ ସହ କଥା ହୋଇଥିଲେ। ପରେ ୨୬ ତାରିଖରେ ମଧୁସୂଦନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପଦକ୍ଷେପ ଗ୍ରହଣ କରିଥିଲା।

# ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ଆଚାର୍ଯ୍ୟ ହରିହରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୭।୨(ବ୍ୟୁରୋ)



ଜୟନ୍ତୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଆଚାର୍ଯ୍ୟ ହରିହର ସାଧାରଣ ମଣିଷ ହୋଇ ମଧ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ସମାଜର ବିକାଶ, ଅଶିକ୍ଷା ଓ କୁସଂସ୍କାର ବିରୋଧରେ ସଂଗ୍ରାମ କରୁଥିଲେ। ଏଥିସହ ସ୍ୱାଧୀନତା ଆନ୍ଦୋଳନ ପାଇଁ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତାକୁ ଆପଣାଇଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟରେ ଓଡିଆ ଭାଷା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଚାର୍ଯ୍ୟ ହରିହରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ଶନିବାର ସୂଚନା ଭବନଠାରେ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୩ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାସ ଆଚାର୍ଯ୍ୟ ହରିହରଙ୍କ ସ୍ମୃତି ଚାରଣ କରିଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଉଭୟ ମଞ୍ଚ ଓ ଭର୍ଚୁଆଲରେ ଏହି କାର୍ଯ୍ୟକ୍ରମର

**୧୪୩ତମ ରାଜ୍ୟସ୍ତରୀୟ ଜୟନ୍ତୀ**

ଆୟୋଜନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଆଚାର୍ଯ୍ୟଙ୍କ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ଗାନ୍ଧିଜୀଙ୍କ ପ୍ରେରଣାରେ ଉଦ୍ବୁଦ୍ଧ ହୋଇ ଆଚାର୍ଯ୍ୟ ହରିହର ଭୂଦାନ, ନାରୀଶିକ୍ଷା ଓ ଶିକ୍ଷାର ବିକାଶ ଏବଂ ରାଜନୈତିକ ଓ ସାମାଜିକ ସଂସ୍କାରର ବାର୍ତ୍ତା ପ୍ରଦାନ କରୁଥିଲେ ବୋଲି ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଗିରୀଶ ପ୍ରସାଦ ସ୍ୱାଇଁ ଯୋଗଦେଇ, ଆଚାର୍ଯ୍ୟ ହରିହରଙ୍କୁ ଶ୍ରୀ ଅରବିନ୍ଦଙ୍କ ସହ ତୁଳନା କରିଥିଲେ। ଆଚାର୍ଯ୍ୟ ହରିହର ଋଷି ପ୍ରତିମ ଥିଲେ। ଶିକ୍ଷା ପ୍ରଦାନ ଦ୍ୱାରା କିପରି ଦେଶରେ ସ୍ୱାଧୀନତା ସଂଗ୍ରାମ ଓ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଏ, ଆଚାର୍ଯ୍ୟ ତାହାର ଜ୍ୱଳନ୍ତ ଉଦାହରଣ ସାଜିଥିଲେ। ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣରେ ଆଚାର୍ଯ୍ୟ ହରିହରଙ୍କ ବାଗ୍ମିତା, ସାଂଗଠନିକ ଦକ୍ଷତା ଓ ଆଦର୍ଶ ଶିକ୍ଷକତାର ବାଣୀ ଆମ ସମସ୍ତଙ୍କ ଜୀବନରେ ସ୍ଫୁଲିଙ୍ଗ ସୃଷ୍ଟି କରୁ ବୋଲି ପ୍ରକାଶ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କର୍କଟ ରୋଗୀଙ୍କ ପାଇଁ ପାଣ୍ଠି ସଂଗ୍ରହ

ଭୁବନେଶ୍ୱର,୨୭।୨

ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖା ଓ ସିମ୍ଫି କେୟାର କ୍ଲିନିକ୍ ପକ୍ଷରୁ କର୍କଟ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ସ୍ଥାନୀୟ ଶାଖା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ଆୟକର ସଚିବ ଶରତ ଦାସ, ପୂର୍ବତନ କର୍ପୋରେଟର ମାନସୀ ସୁନ୍ଦରାୟ ଏବଂ ସୁରଜିତ୍ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସଂସ୍ଥାର ଓଡ଼ିଶା ଶାଖା ସଭାପତି ବିଜୟ ଆଚାର୍ଯ୍ୟ ସୋସାଇଟିର ୧୯ ବର୍ଷର ଅଭିଜ୍ଞତା ସହିତ କର୍କଟ ରୋଗୀ ଓ ଭିନ୍ନକ୍ଷମଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଏକ ମୋବାଇଲ ଭ୍ୟାନର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ରେଡ୍ ସ୍ୱସ୍ତିକ ସୋସାଇଟିର ସମ୍ପାଦକ ଓ କୋଷାଧକ୍ଷ ଦେବାଶିଷ ପଟ୍ଟନାୟକ ପରିଚାଳନା କରିଥିଲେ । ଲାୟନ ମିନତି ବେହେରା କ୍ୟାନ୍ସର ଫାଉଣ୍ଡେଶନର ସମ୍ପାଦିକା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ।

**ଟ୍ରେନ୍‌ରେ କଟି ଜୀବନ ଗଲା**

ସାକ୍ଷୀଗୋପାଳ, (ସ୍ୱ.ପ୍ର.)- ବୀରରାମଚନ୍ଦ୍ରପୁରସ୍ଥିତ ଧବଳେଶ୍ୱର ମନ୍ଦିର ନିକଟ ରେଳଲାଇନରେ ଶନିବାର ଅପରାହ୍ନ ୨ଟାରେ ଜଣେ ବ୍ୟକ୍ତି ଟ୍ରେନରେ କଟି ପ୍ରାଣ ହରାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରୁ ମିଳିଥିବା ଏକ ଡ୍ରାଇଭିଂ ଲାଇସେନ୍ସରେ ଅଜୟ ସାହୁ ଓ ପୁରୀ ମାଟିମଣ୍ଡପ ସାହି ବୋଲି ଉଲ୍ଲେଖ ରହିଛି। ମୃତକଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ। ଦୁର୍ଘଟଣାରେ ତାଙ୍କର ଡାହାଣ ଗୋଡ଼ଟି ସମ୍ପୂର୍ଣ୍ଣ କଟିଯାଇଛି।

## ସଂକ୍ଷେପରେ

### ଜବ୍ କାର୍ଡ କାର୍ଯ୍ୟ ବେଳେ ଶ୍ରମିକଙ୍କ ମୃତ୍ୟୁ

**ଅସ୍ତରଙ୍ଗ,୨୭।୨(ଡି.ଏନ୍.ଏ.):** ଜବ୍ କାର୍ଡ କାର୍ଯ୍ୟ ବେଳେ ଶନିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତର ଦକ୍ଷିଣପନ୍ତାଳ ଗ୍ରାମର ଶଙ୍କର କାଣ୍ଡି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ରେଡକ୍ରସଠାରେ ଶଙ୍କର କାର୍ଯ୍ୟ କରୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ସେଠାରେ ଥିବା ଅନ୍ୟ ଶ୍ରମିକ ଓ ପରିବାର ଲୋକେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ୨ୟ ବିବାହ ଅଭିଯୋଗ: ୩ ଗିରଫ

**ଗୋପ,୨୭।୨(ଡି.ଏନ୍.ଏ.):** ଦ୍ୱିତୀୟ ବିବାହ ଯୁବକଙ୍କ ପାଇଁ ମହଙ୍ଗା ପଡିଲା। ପ୍ରଥମ ସ୍ତ୍ରୀ ରୋଜାଲିନ ସ୍ୱାଇଁଙ୍କ ଅଭିଯୋଗକୁ ଭିତ୍ତିକରି ନୟାହାଟ ଫାଣ୍ଡି ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିଯୁକ୍ତ ସ୍ୱାମୀ ନିରାକାର ସ୍ୱାଇଁ, ଦ୍ୱିତୀୟ ସ୍ତ୍ରୀ ଅନିମା ସ୍ୱାଇଁ ଏବଂ ଅନିମାଙ୍କ ଶାଶୁ ତ୍ରିଫଳା ସ୍ୱାଇଁ। ଶନିବାର ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ନିରାକାର ୮ବର୍ଷ ପୂର୍ବେ ରୋଜାଲିନଙ୍କୁ ବିବାହ କରିଥିଲେ। ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥାଏ। ନିରାକାର କିଛି ଦିନ ପରେ ଗୋପ ଥାନା ଅଞ୍ଚଳର ଅନିମାଙ୍କୁ ଭଲ ପାଇବା ସହ ବିବାହ କରିବାକୁ କଥା ଦେଇଥିଲେ। ରୋଜାଲିନ ଏହା ଜାଣିବା ପରେ ନିରାକାରଙ୍କୁ ଦ୍ୱିତୀୟ ବିବାହ ନ କରିବାକୁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ୭ଦିନ ପୂର୍ବେ ନିରାକାର ଏକ ମନ୍ଦିରରେ ଅନିମାଙ୍କୁ ବିବାହ କରି ଘରକୁ ଆଣିଥିଲେ। ପରେ କୌଣସି କାରଣକୁ ନେଇ ପରିବାର ଲୋକେ ରୋଜାଲିନଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ରୋଜାଲିନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୬୭/୨୧)ରୁଜୁକରି ତଦନ୍ତ ଚଳାଇଥିଲା।

### ସମ୍ବିତ୍ ପୃଷ୍ଟି ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ପୁରୀ ଅଫିସ,୨୭।୨:** ସିଦ୍ଧ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଶନିବାର ସମ୍ବିତ୍ ପୃଷ୍ଟି ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ୍‌ରେ ସାଇ ସ୍ପୋର୍ଟିଂ ଟିମ୍ ସହ ରାଜେଶ ସ୍ପୋର୍ଟିଂ ଟିମ୍‌ର ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିଥିଲା। କାଉନସିଲର ପ୍ରଦୀପ ନାୟକ, ବିଭୂତି ସେଠୀ, ପୁରୀ ଜିଲା ବିଜେଡ଼ି ଯୁବ ସମ୍ପାଦକ ସରୋଜ କୁମାର ନାୟକ ଓ ନଗର ସମ୍ପାଦକ ସୁଧାଂଶୁ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମିଲୁ ରଥ, ଶିବପ୍ରସାଦ ମହାନ୍ତି ଓ ଅକ୍ଷୟ ମିଶ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

**ପୁରୀ ଅଫିସ,୨୭।୨-** ସେଣ୍ଟର ଅଫ୍ ଆକ୍ସନ୍ ତରଫରୁ ନିଃଶୁଳ୍କ ଚକ୍ଷୁ ଶିବିର ଶନିବାର ଭିତର ସେବାୟତ ନିଯୋଗ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଭିତର ସେବାୟତ ନିଯୋଗର ସହଯୋଗୀତାରେ ଏହି ଶିବିର ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡା. ବିଦ୍ୟୁତଲତା ମିଶ୍ର ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଭଦ୍ରକର ଶ୍ରୀରାମ ଚଷମା ଘର ପକ୍ଷରୁ ୪ଶହ ଲୋକଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ରାମଚନ୍ଦ୍ର ଦାସମହାପାତ୍ର, ମାଧବ ପୂଜାପଣ୍ଡା ଓ ମାଧବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତୀର୍ଥ ପୁଷ୍କରିଣୀ ବିକାଶ କାର୍ଯ୍ୟ ଧିମା

## ଶୀଘ୍ର ସାରିବା ପାଇଁ ଜିଲାପାଳଙ୍କ ତାଗିଦ୍

**ପୁରୀ ଅଫିସ,୨୭।୨**

ପୁରୀ ତୀର୍ଥ ପୁଷ୍କରଣୀର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଶନିବାର ସର୍କିଟ ହାଉସରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୬ମାସ ହେବ ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ, ଶ୍ୱେତଗଙ୍ଗା ଓ ପଥର ପୁଷ୍କରିଣୀର ଉନ୍ନୟନ କାର୍ଯ୍ୟ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୬ ମାସ ପୂରିଥିଲେ ମଧ୍ୟ କାମ ଧିମା ଗତିରେ ଚାଲିଛି। ତେଣୁ ପୁଣି ଥରେ ସ୍ଥିତି ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ବର୍ମା ସମ୍ପୃକ୍ତ ଅଧିକାରୀମାନଙ୍କୁ ତାଗିଦ୍ କରିଛନ୍ତି। ବୈଠକରେ ୫ଟି ଯାକ ପୁଷ୍କରିଣୀ ପାଇଁ ଗଠିତ କମିଟିର ସଭାପତି ଓ ସମ୍ପାଦକଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଉପସ୍ଥିତ ଥିଲେ।

ପ୍ରଥମେ ଜିଲାପାଳ ସାଂପ୍ରତିକ ସ୍ଥିତିର ସମୀକ୍ଷା ପାଇଁ ରିପୋର୍ଟ ତଲବ କରିଛନ୍ତି। ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ, କୌଣସି ବି ତୀର୍ଥ ପୁଷ୍କରିଣୀରେ ଏଯାବତ୍ ସୂଚନାଫଳକ ଲଗାଯାଇନାହିଁ। ଫେବୃୟାରୀ ୨୮ରେ ସୂଚନାଫଳକ ଲଗାଯିବ ବୋଲି ଜଣାପଡ଼ିଛି। ପୁଷ୍କରିଣୀ ନିକଟରେ ଚେଞ୍ଜିଂ ରୁମ୍ ନିର୍ମାଣ ଶେଷ ହୋଇନାହିଁ। ସେହିପରି ପରିସ୍ରାଗାର ସୁବିଧା ମଧ୍ୟ ନାହିଁ। ପୁଷ୍କରିଣୀ ପାଖରେ ଥିବା ସରକାରୀ ଓ ଶ୍ରୀମନ୍ଦିର ସମ୍ପତ୍ତିକୁ ଚିହ୍ନଟ କରିବା ପାଇଁ ପୂର୍ବରୁ କୁହାଯାଇଥିଲେ ମଧ୍ୟ ଏହି କାର୍ଯ୍ୟ ହୋଇନାହିଁ। ନରେନ୍ଦ୍ର ପୁଷ୍କରିଣୀ ବ୍ୟତୀତ ଅନ୍ୟ ପୁଷ୍କରିଣୀ ନିକଟରୁ ଉଠାଦୋକାନ ହଟାଯାଇନାହିଁ। ପୁଷ୍କରିଣୀ କାନ୍ଥକୁ ଚିତ୍ରଣ କରାଯାଇନାହିଁ। କାନ୍ଥ ଚିତ୍ରଣ କରିବାର ଦାୟିତ୍ୱ ମୁନିସିପାଲିଟି ପାଖରେ ରହିଛି। ନରେନ୍ଦ୍ରକୋଣ ଚନ୍ଦନ ଚକଡ଼ା ଚିତ୍ରଣ କାର୍ଯ୍ୟ,ମାର୍କଣ୍ଡ ପୁଷ୍କରିଣୀ ପାଖ ପତିତପାବନ ମନ୍ଦିରର ନବୀକରଣ ଭଳି ଅନେକ କାମ ବାକି ରହିଛି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ରୁପା ଆଣ୍ଡ ଗ୍ରୁପ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିଶୁ କଳାକାରଙ୍କ ନୃତ୍ୟ ପରିବେଷଣ।

# ଶିକ୍ଷୟିତ୍ରୀଶିକ୍ଷକ ସମାଜର ଦିଗ୍‌ଦର୍ଶକ

**ଗୋପ,୨୭।୨(ଡି.ଏନ୍.ଏ.)**

ଶିକ୍ଷୟିତ୍ରୀ, ଶିକ୍ଷକମାନେ ସମାଜର ଦିଗ୍‌ଦର୍ଶକ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଶନିବାର କୁସୁପୁରଠାରେ ଗୋପ ବ୍ଲକ ଶିକ୍ଷକ ସମନ୍ୱିତ ସଂଘ ଶିକ୍ଷକ ଭବନର ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ଗୋପ ବ୍ଲକ ଶିକ୍ଷକ ସମନ୍ୱିତ ସଂଘ ସଭାପତି ଶିବଦତ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ମହାସଚିବ ଅମିୟ ଦାଶ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସଙ୍ଗୀତା ଦାଶ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ, କୈଳାସ ପଣ୍ଡା, ପ୍ରଭାତ ତରାଇ, ବ୍ଲକ ସାଧାରଣ ସମ୍ପାଦକ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମସ୍ୟା ଦୂର ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଦାଶଶିକ୍ଷକ ଭବନର ଶିଳାନ୍ୟାସ କରିଥିଲେ। ସେହିପରି ମନ୍ତ୍ରୀ ଏରବଙ୍ଗ ପଞ୍ଚାୟତର ତରଙ୍ଗିରାଠାରେ ଆର୍ଦ୍ଦଶ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବାମଦେବ ସାହାଣି, ମଧୁସୂଦନ ପାଇକରାୟ, ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ, ପୁନେଶ ସେନାପତି, ସୁକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶନିବାର ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି।

### ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ

**କଣାସ,୨୭।୨ (ଡି.ଏନ୍.ଏ.):** କଣାସ ବିକାଶ ପରିଷଦ ପକ୍ଷରୁ ଶନିବାର ବୈଦ୍ୟନାଥ ପାଟଣାଠାରେ ଆଚାର୍ଯ୍ୟ ହରିହରଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ପ୍ରଭାକର ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ପରେ ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ ସମ୍ପାଦକ ଲିଙ୍ଗରାଜ ପରିଡା, ବିଭୁତିଭୂଷଣ ପଟ୍ଟନାୟକ, ବୈକୁଣ୍ଠ ନାଥ ନରେନ୍ଦ୍ର, ଯୁଧିଷ୍ଠିର ସାମନ୍ତରାୟ, ଭାସ୍କର ଚନ୍ଦ୍ର ସାମନ୍ତରାୟ, ବଳରାମ ପଲେଇ, ଜଗବନ୍ଧୁ ମହାପାତ୍ର, ଦୟାନିଧି ପାଲଟାସିଂହ, ମଧୁସୁଦନ ଗଜେନ୍ଦ୍ର, ସୁବଳ ରାଉତ, ବିଚିତ୍ରା ନନ୍ଦ ବରାଳ, କାଶୀନାଥ ପ୍ରଧାନ, ବିଶ୍ୱନାଥ ବେହେରା, ମନୋଜ ମହାପାତ୍ର, ସର୍ବେଶ୍ୱର ପଲାଇ, କେଶବ ଚନ୍ଦ୍ର ଦାଶ, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିକାଶ ନାଁରେ ବେଆଇନ କାର୍ଯ୍ୟ ନ ହେଉ'

**ପୁରୀ ଅଫିସ,୨୭।୨**

ଭୁବନେଶ୍ୱର ଏମ୍‌ପି ତଥା ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଶନିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିକାଶ ମୂଳକ କାର୍ଯ୍ୟ ହେଉ, କିନ୍ତୁ ବେଆଇନ ଭାବେ ନୁହେଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ଶ୍ରୀକ୍ଷେତ୍ରରେ ଏମ୍‌ପି ଷଡ଼ଙ୍ଗୀ ପହଞ୍ଚି ପ୍ରଥମେ ଲୋକନାଥ ରୋଡ୍‌ଠାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ଶ୍ରୀମନ୍ଦିର ଚାରିପାଖ ବୁଲି ବିକାଶମୂଳକ କାର୍ଯ୍ୟ ଦେଖିବା ସହ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଥିଲେ। ତେବେ ଶ୍ରୀମନ୍ଦିର ଚାରିପାଖରେ ନିର୍ମାଣାଧୀନ ଐତିହ୍ୟ କରିଡର କାର୍ଯ୍ୟ କରାଯିବା ପୂର୍ବରୁ କାହିଁକି ଜାତୀୟ ଐତିହ୍ୟ ସ୍ମାରକ ସଂସ୍ଥା (ଏନ୍‌ଏମ୍‌ଏ) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)ର ଅନୁମତି ନିଆଯାଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରାଜିତା କହିଛନ୍ତି ଯେ, ବିକାଶମୂଳକ କାର୍ଯ୍ୟ ହେଉ କିନ୍ତୁ ବେଆଇନ ଭାବେ ନୁହେଁ। ଐତିହ୍ୟ କରିଡର ନିର୍ମାଣ କାର୍ଯ୍ୟ ଅଭିଜ୍ଞତା ନ ଥିବା ଏକ ଠିକା ସଂସ୍ଥାକୁ ଦିଆଯାଇଛି। ଶ୍ରୀମନ୍ଦିର ପାଖରେ ଥିବା ଐତିହ୍ୟକୁ ରାଜ୍ୟ ସରକାର ବିନା ଦ୍ୱିଧାରେ ଭାଙ୍ଗି ଦେଇଛନ୍ତି। ଏମାର ମଠ, ରଘୁନନ୍ଦନ ପାଠାଗାର, ଉତ୍ତରପାର୍ଶ୍ୱ ଓ ଦକ୍ଷିଣପାର୍ଶ୍ୱ ମଠ ପ୍ରଭୃତି ଶ୍ରୀଜଗନ୍ନାଥ ପରମ୍ପରା ସହ ଓତପ୍ରୋତ ଭାବେ ଜଡ଼ିତ। ଏଣୁ ଏସବୁ ସୁରକ୍ଷିତ ରଖିବା ମଧ୍ୟ ରାଜ୍ୟ ସରକାରଙ୍କ ଦାୟିତ୍ୱ ଥିଲା। ଶ୍ରୀମନ୍ଦିର ବିକାଶ ସପକ୍ଷରେ ସମସ୍ତେ ରହିଛନ୍ତି, ମାତ୍ର ବିକାଶ ନାଁରେ ରାଜ୍ୟ ସରକାରଙ୍କର ଆଇନ ବିରୋଧୀ ଆଚରଣ ଆଦୌ ଗ୍ରହଣୀୟ ନୁହେଁ। ସେହିଭଳି ଠିକା କାର୍ଯ୍ୟ କରିବାର ଅଭିଜ୍ଞତା ନ ଥିବା ସଂସ୍ଥାକୁ ରାଜ୍ୟ ସରକାର ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟ ଦେଇଛନ୍ତି। କିଭଳି ଭାବେ ଏକ ନିର୍ଦ୍ଦିଷ୍ଟ ଠିକା କମ୍ପାନୀ କାମ ପାଇଲେ, ଏନେଇ କେବେ ବିଡିଂ ପ୍ରକ୍ରିୟା ହୋଇଥିଲା ଓ କେତୋଟି ସଂସ୍ଥା କାମ କରିବା ପାଇଁ ଆବେଦନ କରିଛନ୍ତି ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ କହିଛନ୍ତି।

### ଲୋକନାଥଙ୍କ ପଦ୍ମବେଶ

**ପୁରୀ ଅଫିସ,୨୭।୨**

ମାଘ ପୂର୍ଣ୍ଣିମାରେ ଶନିବାର ପ୍ରଭୁ ଶ୍ରୀଲୋକନାଥଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଛି। ସୋଲ ଓ ଜରିରେ ପ୍ରସ୍ତୁତ ସ୍ୱତନ୍ତ୍ର ବେଶରେ ପ୍ରଭୁ ଲୋକନାଥଙ୍କର ବିଭୂଷଣ କରାଯାଇଛି। ପ୍ରତିବର୍ଷ ଏହି ଦିନ ଶ୍ରୀଲୋକନାଥଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଥାଏ। ପରମ୍ପରା ମୁତାବକ ରଥସାହି ବ୍ରାହ୍ମଣ ସମାଜ ପକ୍ଷରୁ ଏହି ବେଶର ସମସ୍ତ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ମଧ୍ୟ ବ୍ରାହ୍ମଣ ସମାଜ ଏହି ବେଶ କାର୍ଯ୍ୟ ସମ୍ପାଦନ କରିଛି। ବେଶ ପରେ ଲୋକନାଥଙ୍କ ପାଖରେ ଅମାଲୁ ଓ ଖିରି ଭୋଗ କରାଯାଇଛି। ଶ୍ରୀଲୋକନାଥଙ୍କ ପାଳିଆ ବଳଭଦ୍ର ପଣ୍ଡା, ହରିହର ପଣ୍ଡା, ରଥସାହି ବ୍ରାହ୍ମଣ ସମାଜ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ରାମ ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତି ସମ୍ପାଦନ ହୋଇଛି।

### ସୁହାଣପୁରରେ ପାର୍କ କାର୍ଯ୍ୟ ଆରମ୍ଭ

**କାକଟପୁର,୨୭।୨(ଡି.ଏନ୍.ଏ.)**

ପୁରୀ ଜଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର କାକଟପୁର ବ୍ଲକ ସୁହାଣପୁର ପଞ୍ଚାୟତସ୍ଥିତ ଏକ ସରକାରୀ ଜମିରେ ପାର୍କ କାର୍ଯ୍ୟ ଆରମ୍ଭ ହୋଇଛି। ବ୍ଲକ ଉନ୍ନୟନ ଅଧିକାରୀ ସୁଧିର କୁମାର ନାୟକ ପ୍ରସ୍ତାବିତ ଜାଗା ଦେଖିବା ପରେ, ଗ୍ରାମରୋଜଗାର ସେବକ ଆକାଶ କୁମାର ଦାଶଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ ସନ୍ଧ୍ୟାରାଣୀ କାଣ୍ଡି, ସାମାଜିକ କର୍ମୀ ଲକ୍ଷ୍ମଣ ମହାପାତ୍ର, ପ୍ରଭାତ ସାଇଁ, ମଲ୍ଲିକ ଏନାମୁଲ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ସ୍ଥାନୀୟ ଲୋକେ ପାର୍କ କାର୍ଯ୍ୟସ୍ଥଳରେ ଉପସ୍ଥିତ ଥଲେ। ସମୟ ଅବଧି ମଧ୍ୟରେ କାର୍ଯ୍ୟ ସମାପନ କରାଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ଶେଖର କାଣ୍ଡି କହିଛନ୍ତି।

### 'ଜନଜୀବନ ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର

**ପୁରୀ ଅଫିସ,୨୭।୨**

ସ୍ୱାମୀ ବିବେକାନନ୍ଦ ଲୋକସଂସଦ ପୁରୀ ଶାଖା ପକ୍ଷରୁ ଶନିବାର ଜନଜୀବନ ଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୁଗୁଲ ମିଟ୍ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଣ୍ଡିତ ସିଦ୍ଧେଶ୍ୱର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ଲୋକସଂସଦର ଆଜୀବନ ସଦସ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ପୁରୀ ଶାଖା ଦାୟିତ୍ୱରେ ଥିବା ଦେବୀଲାଲ ମିଶ୍ର ଯୋଗ ଦେଇଥିଲେ।

### ପ୍ରଧାନ ମନ୍ତ୍ରୀ ଆବାସ ଗୃହ ଶୀଘ୍ର ଶେଷ କରିବାକୁ ପରାମର୍ଶ

**ବ୍ରହ୍ମଗିରି,୨୭।୨ (ଡି.ଏନ୍.ଏ.)**

ପୁରୀ ଜିଲା ପିଡିଡିଆରଡିଏ ନିତିରଞ୍ଜନ ସେନ ଏବଂ ବ୍ରହ୍ମଗିରି ବ୍ଲକ ବିଡିଓ ଜ୍ୟୋତି ପ୍ରକାଶ ସେଠୀ ଶନିବାର ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ। ଅଧାପନ୍ତରିଆ ହୋଇ ରହିଥିବା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଗୃହକୁ ଶୀଘ୍ର ସାରିବା ପାଇଁ ହିତାଧିକାରୀଙ୍କୁ କହିଥିଲେ। ପରେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ପାର୍କ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନା ମୁତାବକ,ଏହି ବ୍ଲକରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ୧୨୦୦ ହିତାଧିକାରୀ କାର୍ଯ୍ୟାଦେଶ ପାଇଥିବା ବେଳେ ଏପର୍ଯ୍ୟନ୍ତ କାମ ଶେଷ କରିନାହାନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରକାଶ



@ ମାନସ



@ ଶୈଳେଜା



@ ଆଶିଷ



@ ଜ୍ଞାନେନ୍ଦ୍ର



@ ଶିବଦତ୍ତ

# ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

**ପୁରୀ ଅଫିସ,୨୭।୨**



ମାଘ ପୂର୍ଣ୍ଣିମାରେ ଶନିବାର ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ଦ୍ୱିପ୍ରହର ଧୂପ ପରେ ରତ୍ନସିଂହାସନରେ ଏହି ବେଶ ହୋଇଛି। ପୁଷ୍ପାଳକ, ଖୁଣ୍ଟିଆ ଓ ମେକାପ ଆଦି ସେବାୟତମାନେ ଏହି ବେଶ ସମ୍ପାଦନ କରିଛନ୍ତି। ବେଶ ଶେଷ ହେବା ପରେ ମହାପ୍ରଭୁଙ୍କୁ ଖିରି, ଅମାଲୁ ଭୋଗ କରାଯାଇଛି। ପ୍ରଭୁ ବଳଭଦ୍ର ହଳଲଙ୍ଗଳ, ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର, ଗଦା, ପଦ୍ମ ଏବଂ ଦେବୀ ସୁଭଦ୍ରା ହସ୍ତଯୁକ୍ତ ହୋଇ ପଦ୍ମକଢ଼ି ସହ ବିରାଜମାନ ହୋଇଛନ୍ତି। ମଧ୍ୟାହ୍ନ ଧୂପ ପରେ ଗରୁଡ଼ସ୍ତମ୍ଭକୁ ଦ୍ୱିତୀୟ ଥର ସ୍ନାନ କରାଯାଇଛି। ଏହାପରେ ମହାପ୍ରଭୁଙ୍କୁ ବେଶ ପରିଧାନ ବେଳେ ମହାଲକ୍ଷ୍ମୀଙ୍କୁ ଦକ୍ଷିଣଘରକୁ ନିଆଯାଇଥିଲା। ବେଶ ପରେ ମହାଲକ୍ଷ୍ମୀଙ୍କୁ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗିକରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ ଦର୍ଶନ ଆରମ୍ଭ ହୋଇଥିଲା।




ତୈଳ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଶନିବାର ପୁରୀ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ବିଶ୍ୱରୂପା ପଟ୍ଟନାୟକଙ୍କ କଳାକୃତି।




ଯୁବ ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଷ୍ଟାଲିନ୍ ପରିଜାଙ୍କ ନେତୃତ୍ୱରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଉଛି।

